# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୬୬/୨୫

**ଜିଲ୍ଲା-ବାଲେଶ୍ୱର** ତା.୧୯.୦୮.୨୦୨୫

**ପାଣିପାଗ ପୂର୍ବାନୁମାନ (ତା.୨୪.୦୮.୨୦୨୫ ପର୍ଯ୍ୟନ୍ତ )-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁୟାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୦୫-୧୪ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୧-୩୨°C ଏବଂ ୨୬-୨୭°C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 2025-08-20 | 11 | 31 | 26 | 8 | 90 | 75 | 7 | 139 |
| | 2025-08-21 | 11 | 32 | 26 | 8 | 90 | 69 | 5 | 201 |
| | 2025-08-22 | 42 | 31 | 26 | 8 | 88 | 65 | 10 | 232 |
| | 2025-08-23 | 19 | 31 | 26 | 8 | 90 | 74 | 14 | 233 |
| | 2025-08-24 | 12 | 31 | 27 | 8 | 89 | 74 | 14 | 237 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| | ➢ ଆଗାମୀ ଦିନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ<br>➢ ସ୍ମାର୍ଟ ଫୋନ୍ ଧାରକମାନେ ମେଘଦୂତ ଏବଂ ଡାମିନି ଆପ୍ ଠାରୁ ପାଣିପାଗ ସୂଚନା ମଧ ପାଇପାରିବେ\|<br>➢ ବର୍ତ୍ତମାନର ପାଗରେ ଧାନ ଏବଂ ପନିପରିବାରେ ରୋଗ ଓ ପୋକ ବୃଦ୍ଧି ହେଇପାରେ ତେଣୁ ନିୟମିତ କ୍ଷେତ ନିରୀକ୍ଷଣ ପାଇଁ ଚାଷୀଙ୍କୁ ପରାମର୍ଶ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| ଖରିଫ ଧାନ | ରୋପଣ | ❖ ଚାଷ ଜମିରେ ଅଧିକ ପାଣି ଜମା ହୋଇଗଲେ ସାର ପ୍ରୋୟାଗ ପ୍ରକ୍ରିୟାକୁ ସ୍ଥଗିତ ରଖନ୍ତୁ।<br>❖ ଧାନ କ୍ଷେତରେ ଜଳ ସ୍ତର ୩ ରୁ ୫ ସେମି ବଜାୟ ରଖି ହିଡକୁ ମଜବୁତ କରନ୍ତୁ \|<br>❖ ଘାସ ଦମନ/ତୃଣକ ପରିଚାଳନା ପାଇଁ ବିସ୍-ପିରିବିକ୍ Na @ 80-100ml / ଏକର ରୁଆ ପରେ ୧୫-୨୦ ଦିନ ମଧ୍ୟରେ ସ୍ପ୍ରେ କରନ୍ତୁ। |
| ନଳିତା | ତରୁଣୀ ଅବସ୍ଥା | ➢ ନଳିତା ଗଛ ଅଧିକ ଲମ୍ବା ହେବା ପାଇଁ ଅନ୍ତଃଚାଷ ସମୟରେ ଶାଖା ପ୍ରଶାଖା ଗୁଡିକୁ ଭଲ ଭାବେ ଛିଣ୍ଡାଇ ଦିଅନ୍ତୁ।<br>➢ ବର୍ତମାନ ବର୍ଷା ଯୋଗୁ ନଳିତାରେ ତୃଣକ ଜନସଙ୍ଖ୍ୟାକୁ ବୃଦ୍ଧି କରିବ , ଘାସକୁ ନିୟନ୍ତ୍ରଣ କରିବା ପାଇଁ କୁଇଜଲଫପ-ପେଥିଲ 2 ମି.ଲି /ଲିଟର ପାଣି ପ୍ରୟୋଗ କରନ୍ତୁ। |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଆଖୁ ଫସଲରୁ ଅଧିକ ଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ ।<br>❖ ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| ପନିପରିବା | ଫୁଲ/ଫଳ ଅବସ୍ଥା | ❖ ଗଛକୁ ପବନ ଓ ବର୍ଷାରୁ ରକ୍ଷା କରିବା ପାଇଁ ଫଳ ବିକାଶ ପର୍ଯ୍ୟାୟରେ ବାଉଁଶ ଓ ଅନ୍ୟାନ୍ୟ ପ୍ରକାରର କାଠି ସାହାୟ୍ୟରେ ଷ୍ଟାକିଂ କରନ୍ତୁ।<br>❖ ଭେଣ୍ଡି ଫସଲରେ ପତ୍ର ଦାଗ ରୋଗ ନିୟନ୍ତ୍ରଣ କରିବା ପାଇଁ ଫସଲ ରେ Potash ସାର ଏକର ପ୍ରତି 12kg ପ୍ରୟୋଗ କରନ୍ତୁ କିମ୍ବା Azoxystrobin 23% SC ଲିଟର ପ୍ରତି ୧ ମିଲି କିମ୍ବା (Hexaconazole |

| | | |
|---|---|---|
| | | 5%+Captan 70%WP )ଲିଟର ପ୍ରତି ୨ ଗ୍ରାମ କିମ୍ବା (Carbendazim 12% + Mancozeb 63% WP) ଲିଟର ପ୍ରତି ୨ ଗ୍ରାମ ହିସାବରେ ସ୍ପ୍ରେ କରନ୍ତୁ।<br>❖ ଭେଣ୍ଡି ଗଛ ରେ ଶାହେବୀ ରୋଗ ନିୟନ୍ତ୍ରଣ କରିବା ପାଇଁ ଅଧିକ ଆକ୍ରାନ୍ତ ପତ୍ର କୁ ଛିଣ୍ଡାଇ ପୋତି ଦିଅନ୍ତୁ। ହଳଦିଆ ଅଠାଳିଆ କାର୍ଡ ଏକର ପ୍ରତି 15 ଟି ବ୍ୟବହାର କରନ୍ତୁ। Potash ସାର ଗୁଣ୍ଡ ପ୍ରତି 500gm ହିସାବରେ ପ୍ରୟୋଗ କରନ୍ତୁ।Diafenthiuron 50%WP ଲିଟର ପ୍ରତି 2gm କିମ୍ବା Dinotefuran 20%WG ଲିଟର ପ୍ରତି 0.5gm ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ । |
| **ଆମ୍ବ** | **ରୋପଣ** | ❖ ଜୁଲାଇ ଏବଂ ଅଗଷ୍ଟ ଆମ୍ବ ରୋପଣର ଆଦର୍ଶ ସମୟ \|<br>❖ ଉପଯୁକ୍ତ କିସମଗୁଡିକ ହେଉଛି ଅମ୍ରାପାଲ୍ଲୀ , ଦୁସେହେରୀ, ଚଉସା, ବାଗାନପାଲ୍ଲୀ, ଟୋଟାପୁରୀ, ବମ୍ବେ ସବୁଜ, ସୁଭର୍ଣ୍ଣେରେଖା, ହିମସାଗର ଇତ୍ୟାଦି \|<br>❖ 10 ମିଟର X 10 ମିଟର ଦୂରରେ ଗର୍ତ୍ତରେ ଲଗାଯିବା ଉଚିତ୍ \| ଗର୍ତ୍ତର ଆକାର ହେଉଛି 1m X 1m X 1m \|ଏକ ବର୍ଷ ପୁରୁଣା ସୁସ୍ଥ ଗ୍ରାଫ୍ଟେଡ୍ ପ୍ଲାଣ୍ଟକୁ ପସନ୍ଦ କରାଯିବା ଉଚିତ୍ \| ଦୁଇଟି ଟୋକେଇ କମ୍ପୋଷ୍ଟ ଲଗାଇବା ସମୟରେ, 80 g N, 100 g P2O5 ଏବଂ 60 g K2O ସାର ପ୍ରୟୋଗ କରାଯିବା ଉଚିତ୍। |
| **ମାଛ ଚାଷ** | | ❖ ପୋଖରୀର ହାରାହାରି ଜଳ ଗଭୀରତା ft ଫୁଟ ସ୍ତରରୁ କମ୍ ହେବା ଉଚିତ୍ ନୁହେଁ \|<br>❖ ଲଗାତାର ବର୍ଷା ପରିସ୍ଥିତିରେ ମାଛଙ୍କର ଖାଇବା ବନ୍ଦ କରନ୍ତୁ \|<br>❖ ପୋଖରୀ ଜଳର ପ୍ରବାହିତ ହେତୁ ମାଛର ସ୍ଥାନାନ୍ତରଣକୁ ରୋକିବା ପାଇଁ ପୋଖରୀ ଡାଇକ୍ ଚାରିପାଖରେ ପ୍ଲାଷ୍ଟିକ୍ ଜାଲ ରଖନ୍ତୁ \| |
| **ପଶୁପାଳନ** | | ❖ ବର୍ଷା ଠାରୁ ନଷ୍ଟ ନହେବା ପାଇଁ ଖାଇବାକୁ ଏକ ସୁରକ୍ଷିତ ସ୍ଥାନରେ ରଖନ୍ତୁ \|<br>❖ ଜରୁରୀକାଳୀନ ପରିସ୍ଥିତିରେ ବିଶୁଦ୍ଧ ପାନୀୟ ଜଳ ପାଇଁ ବ୍ୟବସ୍ଥା କରନ୍ତୁ \| |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital